بِسۡمِ اللّٰہِ الرَّحۡمٰنِ الرَّحِیۡمِ

৬ ଜୁନ୍ ୨୦୨୫ ଇଦୁଲ୍ ଅଜ୍‌ହା ଖୁତ୍‌ବାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ଆମମାନଙ୍କର ଇଦ୍ ପାଳନ କରିବା କେବଳ ଲୋକଦେଖାଣିଆ ନୁହେଁ, ବରଂ ଅଲ୍ଲାଃଙ୍କ କର୍ତ୍ତବ୍ୟ ଓ ତାଙ୍କ ଭକ୍ତମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାର ଇଦ୍ ହେଉ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଫୁବି ଆଲୈହିମ୍ ୱଲଦ୍ଦାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସୁରଃ ହଜ୍‌ର ଆୟତ ସଂଖ୍ୟା ୩୫ରୁ ୩୯ର ଆବୃତ୍ତି କରି ତାହାର ଅନୁବାଦ ଉପସ୍ଥାପନ କଲେ ଓ କହିଲେ; ଏଥି ସଂକ୍ରାନ୍ତରେ ଆମକୁ ଏହା ବୁଝାଯାଇଛି ଯେ ବଳିଦାନର ଅର୍ଥ ଏହା ନୁହେଁ, ଯେ ତୁମେ ଏକ ନିରୀହ ଜୀବକୁ ହତ୍ୟା କର, ଯେପରିକି **ଇଦୁଲ୍ ଅଜ୍‌ହା** ସମୟରେ ପଶୁବଳି କରିଥାଅ । ବରଂ ତୁମକୁ ଏହା ଜଣାଇବା ସକାଶେ ଯେ ବଡ ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ଛୋଟ ଛୋଟ ବସ୍ତୁର ବଳିଦାନ ଦିଆଯାଇଥାଏ । ସୁତରାଂ ତୁମମାନଙ୍କୁ ମଧ୍ୟ ନିଜ ସୃଷ୍ଟିକର୍ତ୍ତାଙ୍କ ସକାଶେ ବଳିଦାନ ଦେବା ପାଇଁ ପ୍ରସ୍ତୁତ ରହିବା ଉଚିତ୍ । ଅଲ୍ଲାଃତାଲା ତୁମକୁ କେବଳ ଧର୍ମନିଷ୍ଠତା ଅବଲମ୍ବନ କରିବାକୁ ଆଦେଶ ଦେଉଛନ୍ତି । ଅଲ୍ଲାଃତାଲା ତୁମ ଠାରୁ ଏହି ଆଶା କରୁଛନ୍ତି, ଯେ ତାଙ୍କ ଭୟ ଓ ପରାକ୍ରମତା ତୁମ ହୃଦୟରେ ବଳବତ୍ତର ରହିଥାଉ । ଆଉ ତୁମେ ପ୍ରତିମୁହୂର୍ତ୍ତରେ ଏଥିପାଇଁ ପ୍ରୟାସରତ ରୁହ ଓ ତାଙ୍କ ଆଦେଶ ପାଳନ କରି ପ୍ରଭୁଙ୍କ ପ୍ରସନ୍ନତା ଲାଭ କର ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ପାକିସ୍ତାନରେ ଜମାଅତ ଅହମଦିୟାକୁ ପଶୁବଳି ଦେବାକୁ ବାରଣ କରାଯାଉଛି । ଆଉ ଆମମାନଙ୍କ ସହିତ ବିରୋଧୀମାନଙ୍କର ଏହି ଆଚରଣ ବିଗତ ଅନେକ ବର୍ଷ ହେଲା ଚାଲି ଆସୁଛି । ତେବେ ଅସଲ କଥା ତ ଧର୍ମନିଷ୍ଠତା ଅର୍ଥାତ୍ ଯଦି ଆମକୁ ପଶୁବଳି ଦେବାକୁ ଦିଆଯାଉ ନାହିଁ, ତା’ହେଲେ କ’ଣ ହେଲା ଐଶ୍ୱର୍ଯ୍ୟମୟ ଅଲ୍ଲାଃ ତ ଆମ ଅନ୍ତରର କଥା ଜାଣନ୍ତି, ଯେ ଆମେ କେଉଁ ନିୟତ୍ (ଉଦ୍ଦେଶ୍ୟ)ରେ ବଳିଦାନ ଦେବାକୁ ଚାହୁଁଛୁ । ଯଦି ଆମ ନିୟତ୍ ଧର୍ମନିଷ୍ଠତା ଉପରେ ପର୍ଯ୍ୟବସିତ ତେବେ ପଶୁବଳି ନଦେବା ସତ୍ତ୍ୱେ ଅଲ୍ଲାଃତାଲା ଆମ ବଳିଦାନକୁ ଗ୍ରହଣ କରିବେ । କିନ୍ତୁ ଯେଉଁ ଲୋକମାନେ ଲୋକଦେଖାଣିଆ ବଳିଦାନ କରନ୍ତି ତେବେ ତାହା ହେଉଛି ଧର୍ମନିଷ୍ଠତାରୁ ପୃଥକ ହୋଇ ବଳିଦାନ କରିବା । କ’ଣ ଏହି ଲୋକମାନେ ଅଲ୍ଲାଃତାଲାଙ୍କ ଆଦେଶ ପାଳନ କରୁଛନ୍ତି ? କ’ଣ ଅଲ୍ଲାଃତାଲାଙ୍କ ଏମାନଙ୍କୁ ଆଦେଶ ଦେଇଛନ୍ତି, ଯେ ଲୋକମାନଙ୍କ ଅଧିକାର ଆତ୍ମସାତ କର ? କ’ଣ ଅଲ୍ଲାଃତାଲା ଏହା କହିଛନ୍ତି, ଯେ ଲୋକମାନଙ୍କ ଉପରେ ଅତ୍ୟାଚାର କର ଅବା ସେମାନଙ୍କୁ ଈଶ୍ୱରଙ୍କ ଆରାଧନା ଓ ଉପାସନା କରିବାକୁ ବାଧା ଦିଅ ? **ଅଲ୍ଲାଃତାଲା ତ ଏପରି ଆଦେଶ କଦାପି ଦେଇ**

ନାହାନ୍ତି ।

ଅଲ୍ଲାଃତାଲା ତ ପ୍ରତ୍ୟେକ ସେହି ବ୍ୟକ୍ତି ଯିଏ 'ଲାଇଲାହା ଇଲ୍‌ଲଲ୍ଲାଃ' ପାଠ କରିଥାଏ, ତାହାକୁ ମୁସଲମାନ ବୋଲି ବିବେଚିତ କରିଛନ୍ତି । କିନ୍ତୁ ଏମାନେ ଆଜି ଯାହାକିଛି ପାକିସ୍ତାନର ଅହମଦିମାନଙ୍କ ସହିତ କରୁଛନ୍ତି, ତାହା ନିଶ୍ଚିତ ରୂପେ ଈଶ୍ୱରଙ୍କ ଠାରୁ ଦୂରେଇବା ଓ ଅଟକାଇବା କାର୍ଯ୍ୟ । ଆଉ ଏହା ଅତ୍ୟାଚାର ମୂଳକ କର୍ମ । ସେ ଯାହା ହେଉ ଆମର କର୍ତ୍ତବ୍ୟ ଯେ ଆମେମାନେ ଏକଥାକୁ ହୃଦୟଙ୍ଗମ କରିବା ଯେ ଏହି ବଳିଦାନ ଆମମାନଙ୍କୁ ଈଶ୍ୱରଙ୍କର ନିକଟତର କରିବା ସକାଶେ ଉଦ୍ଦିଷ୍ଟ । ତେଣୁ ଯଦି ଆମେ ପଶୁବଳି ଦେଇପାରୁ ନାହେଁ ତେବେ ବି ଅଲ୍ଲାଃତାଲା ସେହି ବଳିଦାନକୁ ଆମ ଠାରୁ ଗ୍ରହଣ କରିବେ । କାରଣ ସେ ଏହା ହିଁ କହିଛନ୍ତି, **ଯେ ମୋ ନିକଟରେ ତୁମ ଦ୍ୱାରା ଦିଆଯାଇଥିବା ପଶୁର ରକ୍ତ କିମ୍ବା ତାହାର ମାଂସ ପହଞ୍ଚି ନଥାଏ, ବରଂ ତୁମମାନଙ୍କ ଧର୍ମପରାୟଣତା ପହଞ୍ଚିଥାଏ ।**

ଦେଖ ଅଲ୍ଲାଃତାଲା ସ୍ପଷ୍ଟ ଉକ୍ତିରେ କହିଛନ୍ତି ଯେ ତୁମ ଜନ୍ମର ଉଦ୍ଦେଶ୍ୟ ହେଉଛି, ଈଶ୍ୱର ଓ ତାଙ୍କ ଭକ୍ତଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା । ଏଥିରେ ସର୍ବପ୍ରଥମ କଥା ହେଉଛି, **ସାମୂହିକ ନମାଜ ପାଠ କରିବା** । ଆଜିକାଲି ପ୍ରତ୍ୟେକ ପାର୍ଶ୍ୱରୁ ଆମମାନଙ୍କୁ ଅବରୋଧ କରାଯାଉଛି, ରୋକିବାକୁ ଚେଷ୍ଟା କରାଯାଉଛି, ତେବେ ଏପରି ପରିସ୍ଥିତିରେ ଆମର କର୍ତ୍ତବ୍ୟ ଯେ ଆମେମାନେ ପୂର୍ବାପେକ୍ଷା ଅଧିକ ନିଜ ଉପାସନା ଓ ନମାଜର ସୁରକ୍ଷା କରିବା । ଆମମାନଙ୍କୁ ଆବଶ୍ୟକ ଯେ ଆମେ ସର୍ବଶକ୍ତିମାନ ଅଲ୍ଲାଃଙ୍କ ଶ୍ରୀଛାମୁରେ ରୋଦନ କରି କରି ଦୁଆ କରିବା, ଯେପରି ଏକ ବଳି ପଡୁଥିବା ଜୀବ ବଳି ପଡିବା ସମୟରେ ଛଟପଟ ହୋଇଥାଏ । ଏହିପରି ଆମକୁ ନିଜ ପ୍ରତିକ୍ରିୟା ପ୍ରକାଶ କରିବା ଉଚିତ୍ । ପାକିସ୍ତାନରେ ବାସ କରୁଥିବା ଅହମଦିମାନଙ୍କୁ ବିଶେଷ କରି ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । **ଆମକୁ ନମାଜ ଗଳାରେ ପଡିଥିବା ଏକ ବୋଝ ସଦୃଶ ଓହ୍ଲାଇବା ପାଇଁ ପାଠ କରିବା ଉଚିତ୍ ନୁହେଁ, ବରଂ ତାହାର କର୍ତ୍ତବ୍ୟ ସମ୍ପାଦନ କରିବା ସକାଶେ ପାଠ କରିବା ଉଚିତ୍ ।** ସାମୂହିକ ରୂପେ ଓ ଖୁବ୍ ସୁନ୍ଦର ଭାବରେ ମଗ୍ନ ହୋଇ ପୂର୍ଣ୍ଣ ଏକାଗ୍ରଚିତ୍ତର ସହିତ ପାଠ କରିବା ଉଚିତ୍ ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜି ଏହି ସଂକଳ୍ପ କରନ୍ତୁ, ଯେ ଆମେ ନିଜ ଉପାସନାର ସ୍ତର ଊର୍ଦ୍ଧ୍ୱଗାମୀ କରିବୁ । ପାକିସ୍ତାନରେ ଯଦିଚ ଆମ ଅହମଦିମାନଙ୍କୁ ଇଦ୍ ନମାଜ ପାଠ କରିବାକୁ ଅନୁମତି ମିଳିବ ନାହିଁ, ପ୍ରଶାସନ ପକ୍ଷରୁ ବାରଣ କରାଯିବ ଅବା ପ୍ରତିବନ୍ଧ ଲଗାଇ ଦିଆଯାଇଛି । କିନ୍ତୁ ଆମେ ତାହାକୁ ଭ୍ରୂକ୍ଷେପ କରିବା ନାହିଁ ଓ ନିରାଶ ହୋଇଯିବା ନାହିଁ । ନିଃସନ୍ଦେହରେ ନିଜ ନିଜ ଘରେ ଇଦ୍ ନମାଜ ପାଠ କରିନିଅନ୍ତୁ । କିନ୍ତୁ ଏହି ପ୍ରତିଜ୍ଞା କରନ୍ତୁ, ଯେ ଅଲ୍ଲାଃତାଲାଙ୍କ ଉପାସନା ଓ ତାଙ୍କ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଉଦ୍ୟମ କରିଚାଲିଥିବୁ । ଆଉ ନମାଜର ପୂର୍ଣ୍ଣ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପ୍ରୟାସ କରି ଚାଲିବା ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଉପାସନାର ଦୁଇଟି ଭାଗ ରହିଛି, ଗୋଟିଏ ଏହିକି ଯେ ପରମେଶ୍ୱରଙ୍କୁ ଭୟ କରିବା, ଯେପରିକି ତାଙ୍କୁ ଭୟ କରିବା ଉଚିତ୍ । ଦ୍ୱିତୀୟ ଭାଗ ହେଉଛି, ମନୁଷ୍ୟ ଈଶ୍ୱରଙ୍କୁ ପ୍ରେମ, ଭକ୍ତି ଓ ଶ୍ରଦ୍ଧା କରୁ ଯେପରିକି ତାଙ୍କୁ ପ୍ରେମ କରିବା ଉଚିତ୍ ।

ଇସଲାମ ଏହି ଦୁଇ ଆଦେଶକୁ ପୂରଣ କରିବା ସକାଶେ ନମାଜ ରୂପକ ଏକ ପନ୍ଥା ଧାର୍ଯ୍ୟ କରିଛି । ଯହିଁରେ ଈଶ୍ୱରଙ୍କୁ ଭୟ କରିବା ରଖାଯାଇଛି । ଦ୍ୱିତୀୟତଃ ପ୍ରେମ ଓ ଭକ୍ତି କରିବାର ପରିପ୍ରକାଶ ସକାଶେ **ହଜ୍** କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶତ୍ରୁର ଏହା ହିଁ ପ୍ରୟାସ ଯେ ଅହମଦି ପ୍ରୟାସ କରିବାରୁ ନିବୃତ୍ତ

ରୁହନ୍ତୁ । କିନ୍ତୁ ସେମାନଙ୍କୁ ମନେରଖିବା ଉଚିତ୍ ଯେ ଏଥିରେ ସେମାନେ କଦାପି ସଫଳ ହୋଇପାରିବେ ନାହିଁ । କାରଣ ଦୃଢ଼ ବିଶ୍ୱାସ ରଖୁଥିବା ଅହମଦି ଯେଉଁମାନଙ୍କ ହୃଦୟରେ ବିଶ୍ୱାସ ସ୍ଥାପିତ ହୋଇଯାଇଛି, ସେମାନେ ଏପରି ଅନ୍ୟାୟ ଓ ଅତ୍ୟାଚାର ଦ୍ୱାରା କଦାପି ପଶ୍ଚାତପଦ ଦେଇ ନଥା'ନ୍ତି । **ଆମମାନଙ୍କୁ ଏହି ଚେଷ୍ଟା କରିବା ଉଚିତ୍ ଯେ ଆମେମାନେ ଏହି ଦିନମାନଙ୍କରେ ନିଜ ଉପାସନାର ସ୍ତର ଉର୍ଦ୍ଧ୍ୱଗାମୀ କରିବା** ।

ଅନେକ ପାକିସ୍ତାନ ଅହମଦି ଏପରି ଅଛନ୍ତି, ଯାହାଙ୍କ ନିକଟ ସମ୍ପର୍କିୟ ବିଦେଶରେ ରହୁଛନ୍ତି । ଯଦି ସେମାନେ ପାକିସ୍ତାନରେ ପଶୁବଳି ଦେଇପାରୁ ନାହାନ୍ତି ତେବେ ବିଦେଶରେ ରହୁଥିବା ନିଜ ପରିଜନମାନଙ୍କ ଦ୍ୱାରା ପଶୁବଳି ଦେଇ ପାରିବେ । ଆଫ୍ରିକାର ଗରିବ ଦେଶମାନଙ୍କରେ ପଶୁବଳି କରି ପାରିବେ । ଯଦି ବଳିଦାନ କରିବାକୁ ବାଧା ଦିଆଯାଉଛି ତେବେ ଅଲ୍ଲାଃତାଲା ଅନ୍ୟ ମାର୍ଗରେ ବଳିଦାନ ଦେବାର ମାର୍ଗ ଉନ୍ମୁକ୍ତ କରିଦେଇଛନ୍ତି । ଅଲ୍ଲାଃତାଲା କହିଛନ୍ତି; ଅଭାବଗ୍ରସ୍ତ ଓ ଗରିବ ଲୋକମାନଙ୍କର ଯତ୍ନ ନିଅ, ସେମାନଙ୍କୁ ଆହର ଖୁଆଅ, ତାଙ୍କର ଆବଶ୍ୟକତା ପୂରଣ କର । **ଦେଖ ଅଲ୍ଲାଃତାଲା ହଜ୍ କରିବାର ଆଦେଶ ଦେବା ସହିତ ବଳିଦାନ କରିବାକୁ ଏକତ୍ର ରଖିଛନ୍ତି** । କିନ୍ତୁ ବଳିଦାନ କରିବାର ଅନେକ ପନ୍ଥା ରହିଛି । ସେଥିରୁ ଉପକୃତ ହେବା ଉଚିତ୍ । ଯେପରି ସମୟର ବଳିଦାନ ଦେବା ଓ ଅର୍ଥର ବଳିଦାନ ମଧ୍ୟ ରହିଛି । ତେଣୁ ଏଥିପାଇଁ ପୂର୍ଣ୍ଣ ପ୍ରୟାସ କରିବା ଉଚିତ୍ । ପୁଣି ଯେଉଁ ବିଷୟରୁ ଈଶ୍ୱର ଆମମାନଙ୍କୁ ଦୂରେଇ ରହିବାକୁ ଆଦେଶ ଦେଇଛନ୍ତି, ସେଥିରୁ ବିରତ ରହିବା ମଧ୍ୟ ଏକ ପ୍ରକାର ବଳିଦାନ ।

ତା'ପରେ ଈଶ୍ୱରଙ୍କ ଭକ୍ତଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ମଧ୍ୟ ଅତି ଜରୁରୀ । ଏଥିରେ ପତିପତ୍ନୀ, ଭାଇ ଭଉଣୀ, ନିକଟ ସମ୍ପର୍କିୟ, ବନ୍ଧୁ ପରିଜନ ଆଦିଙ୍କର ଅଧିକାର ରହିଛି । ପଡୋଶୀ ଓ ସାହିର ଲୋକମାନଙ୍କ ଅଧିକାର ରହିଛି ତେବେ ଏସମସ୍ତଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ । ଇସଲାମ ତ ଶତ୍ରୁର ବି ଅଧିକାର ଧାର୍ଯ୍ୟ କରିଛି । ଅଣମୁସଲମାନମାନଙ୍କର ମଧ୍ୟ ଅଧିକାର ସ୍ଥିର କରିଛି, ତେଣୁ ଯଦି ଆମେ ଭକ୍ତଙ୍କର କର୍ତ୍ତବ୍ୟ ସଠିକ୍ ରୂପେ ନିର୍ବାହ କରିବା ତେବେ ତାହା କଦାଚିତ ଉପାସନାର ରଙ୍ଗ ମଧ୍ୟ ଧାରଣ କରିନେଇଥାଏ । **ଏପରି ସ୍ଥଳେ (ଶତ୍ରୁର) ଆମମାନଙ୍କୁ ଉପାସନାକୁ ବାରଣ କରିବା ଅବା ନକରିବାରେ କୌଣସି ଫରକ ପଡିବ ନାହିଁ** । ଦେଖ ପରମେଶ୍ୱର କେବଳ ଏହି କଥାରେ ପ୍ରସନ୍ନିତ ହୋଇଯାଇ ନଥା'ନ୍ତି, ଯେ ତୁମେ ଏକ (ଉତ୍ତମ) ଛେଳୀର ବଳିଦାନ କରିଦେଲ, ବରଂ ସେ ତ ନିଜ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରିବା ଦ୍ୱାରା ପ୍ରସନ୍ନିତ ହୋଇଥା'ନ୍ତି ।

ହଦିସ୍‌ରେ ବର୍ଣ୍ଣିତ ରହିଛି, ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ବିଶ୍ୱାସକାରୀ ହୋଇପାରିବ ନାହିଁ, ଯେପର୍ଯ୍ୟନ୍ତ ସେ ନିଜ ଭାଇ ସକାଶେ ସେହିପରି ବସ୍ତୁ ପସନ୍ଦ କରି ନଥାଏ, ଯାହାକି ନିଜ ପାଇଁ ପସନ୍ଦ କରୁଅଛି । ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ] କହିଲେ; ତୁମେମାନେ ସେପର୍ଯ୍ୟନ୍ତ ବୈକୁଣ୍ଠରେ ପ୍ରବେଶ କରିପାରିବ ନାହିଁ, ଯେପର୍ଯ୍ୟନ୍ତ (ତୁମେ) ବିଶ୍ୱାସ ସ୍ଥାପନ କରି ନାହଁ । ଆଉ ତୁମେ ସେପର୍ଯ୍ୟନ୍ତ ବିଶ୍ୱାସ ସ୍ଥାପନ କରିପାରିବ ନାହିଁ, ଯେପର୍ଯ୍ୟନ୍ତ ପରସ୍ପରକୁ ସ୍ନେହ ଆଦର କରି ନାହଁ । ସୁତରାଂ ଅହମଦିମାନଙ୍କୁ ପାରସ୍ପରିକ ତିକ୍ତତା ଓ ମତଭେଦକୁ ଦୂର କରିବା ଉଚିତ୍ । ଯଦ୍ୱାରା ଆମେ କେବଳ ପରକାଳର **ଜନ୍ନତ୍**ର ଉତ୍ତରାଧିକାରୀ ହେବା ନାହିଁ, ବରଂ ଏହି ଇହ ଜଗତରେ ମଧ୍ୟ ଏକ ବୈକୁଣ୍ଠପୁର ପରିବେଶ ଉତ୍ପନ୍ନ କରିପାରିବା ।

ସାମ୍ପ୍ରତିକ ପରିସ୍ଥିତିକୁ ତ ଦେଖି ଅହମଦିମାନେ ବିଶେଷ କରି ଆପୋଷରେ ଥିବା ମତପାର୍ଥକ୍ୟକୁ ଦୂର କରି ଏକ ସୁନ୍ଦର ଓ ପ୍ରୀତିକର ପରିବେଶର ଭିତ୍ତି ସ୍ଥାପନ କରିବା ଉଚିତ୍ । ଯଦ୍ଦ୍ୱାରା ବିରୋଧୀମାନେ କୌଣସି ମତେ ଆମ ଧାଡ଼ି ଓ ଶୃଙ୍ଖଳାକୁ ଭଙ୍ଗ କରିପାରିବେ ନାହିଁ । ଯଦି ଆମମାନଙ୍କ ମଧ୍ୟରେ ଧର୍ମନିଷ୍ଠତା ଜାତ ହୋଇଯିବ ତେବେଯାଇ ଆମେମାନେ ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରିପାରିବା । ପଶୁବଳି ନଦେଇ ବି ଆମେ ତାହାର ସୁଫଳର ଅଧିକାରୀ ହୋଇପାରିବା ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଆମର ପ୍ରିୟ ମୁନିବ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ଯେଉଁ ଦଳ ଗଠନ କରିଥିଲେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ପବିତ୍ର ସ୍ୱଭାବୀ ଥିଲେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଧର୍ମ ସକାଶେ ନିଜ ପ୍ରାଣର ଆହୁତି ଦେଇଥିଲେ । ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ବି ଏମିତି ନଥିଲେ, ଯିଏକି କପଟୀ ଥିଲା । ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; **ଅଲ୍ଲାଃତାଲା କରନ୍ତୁ ଆମର ଏହି ଇଦ୍ ଲୋକଦେଖାଣିଆ ଇଦ୍ ନହେଉ, ବରଂ ଅଲ୍ଲାଃ ଓ ତାଙ୍କ ଭକ୍ତଙ୍କ କର୍ତ୍ତବ୍ୟ ସମ୍ପାଦନ କରୁଥିବା ଇଦ୍ ସିଦ୍ଧ ହେଉ** ଏବଂ ଆମେ ତାଙ୍କ କୃପା ହାସଲକାରୀ ହେଉ । ଏଥିପାଇଁ ଦୁଆ ମଧ୍ୟ କରିବେ, ପୁଣି ନିଜ ଦୁଆରେ ଶହିଦ୍‌ମାନଙ୍କ ସନ୍ତାନ ସନ୍ତତିଙ୍କୁ ମନେ ରଖିବେ । ଅଲ୍ଲାଃତାଲା ସେମାନଙ୍କୁ ଓ ତାଙ୍କ ଆସନ୍ତା ପିଢ଼ିକୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଅଲ୍ଲାଃ ଓ ତାଙ୍କ ଧର୍ମ ସକାଶେ କାରାବରଣ ଭୋଗ କରୁଥିବା କଏଦୀମାନଙ୍କ ପାଇଁ ମଧ୍ୟ ଦୁଆ କରିବେ । ପାକିସ୍ତାନରେ ଅହମଦିମାନଙ୍କ ଉପରେ ଯେପରି କଟକଣା ଲଗାଯାଉଛି, ଦୁଆ କରିବେ ଅଲ୍ଲାଃତାଲା ସେସମସ୍ତ କଟକଣା ଉଚ୍ଛେଦ କରିଦିଅନ୍ତୁ । ଆଉ ଆମମାନଙ୍କୁ ମୁକ୍ତ ଭାବରେ ଅଲ୍ଲାଃତାଲାଙ୍କ ଉପାସନା କରିବାକୁ ସାମର୍ଥ୍ୟ ଲାଭ ହେଉ । ସକଳ ପ୍ରକାରର ଅବରୋଧ ଦୂର ହୋଇଯାଉ, ଅହମଦିମାନେ ସ୍ୱାଧୀନ ଭାବରେ ପଶୁବଳି ଦେଇପାରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ସେହି ବୁଦ୍ଧିଜ୍ଞାନ ପ୍ରଦାନ କରନ୍ତୁ, ଯେ ଆମେ ଏହି ବଳିଦାନର ଅସଲ ମର୍ମକୁ ହୃଦୟଙ୍ଗମ କରିନେଉ ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଥି ସହିତ ମୁଁ ସମସ୍ତ **ଖୁତ୍‌ବା** ଶୁଣୁଥିବା ଓ ଏଠାରେ ଉପସ୍ଥିତ ଥିବା ଅହମଦିମାନଙ୍କୁ ଇଦ୍‌ର ଅଭିନନ୍ଦନ ଜଣାଉଛି । ଅଲ୍ଲାଃତାଲା ଆମମାନଙ୍କ ସକାଶେ ଏହି ଇଦ୍ କଲ୍ୟାଣମୟ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ ଇନ୍ନଲ୍‌ଲାହ ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହ ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Eid-Ul-Azha Huzoor Anwar a.b.a

6th June 2025

*Translated to Odia by :* Moulavi Anwar Ahmad Khan